## କାଳବୈଶାଖୀରେ ଉଡ଼ିଗଲା ହଷ୍ଟେଲ ଛପର



ଶୁକ୍ଳି,୮।୪(ସମିସ): ଗତକାଲି ସନ୍ଧ୍ୟା ସମୟରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକ୍ ଗାଲୁସାହି ଆଶ୍ରମ ସ୍କୁଲର ଛପର ଉଡ଼ିଯାଇଛି। ତେବେ ହଷ୍ଟେଲରେ ୨୮ ଜଣ ଛାତ୍ର ରହୁଥିବାବେଳେ ସେମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସନ୍ଧ୍ୟା ସମୟରେ ଛାତ୍ରମାନେ ପ୍ରାର୍ଥନା ସାରି ବସିଥିବାବେଳେ ହଠାତ୍ ପବନ ହୋଇଥିଲା। ପବନର ବେଗ ଏତେ ଅଧିକ ଥିଲା ଯେ କ୍ଷଣିକରେ ହଷ୍ଟେଲର ଛପର ଇଡ଼େଇ ନେଇଯାଇଥିଲା। ପବନ ହେବାରୁ ସେମାନଙ୍କୁ ସ୍କୁଲ ପରିସରରେ ଥିବା ଛାତ ଘରକୁ ସ୍ଥାନାନ୍ତର କରିଦିଆଯାଇଥିବାରୁ ସେମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। କିନ୍ତୁ ସେମାନଙ୍କ ଆସବାବ ପତ୍ର, ବହି ଖାତା ପୋଷାକ ସବୁ ବର୍ଷା ପାଣିରେ ଭିଜି ଯାଇଥିଲା। ବିଭାଗୀୟ ଅଧିକାରୀମାନେ ଖବର ପାଇ ଉଡ଼ିଯାଇଥିବା ଛପର ଘର ପରିଦର୍ଶନ କରିଛନ୍ତି। ହଷ୍ଟେଲ ଗୃହକୁ ଖୁବ୍‌ଶୀଘ୍ର ମରାମତି ନ କଲେ ଆଗାମୀ ଦିନରେ ପାଠ ପଢ଼ାରେ ସମସ୍ୟା ଉପୁଜିବ, ତେଣୁ ଏହାର ମରାମତି କରିବାକୁ ଦାବି ହେଉଛି।

## ସାମାନ୍ୟ ବର୍ଷାରେ ଉବୁଟୁବୁ ଚିକେନ ମାର୍କେଟ



ଉଦଳା,୮।୪(ସମିସ): ସାମାନ୍ୟ ବର୍ଷାରେ ବେହାଲ ହୋଇଛି ଉଦଳା ଏନ୍‌ଏସି ୧୨ ନମ୍ବର ୱାର୍ଡରେ ଥିବା ଚିକେନ ମାର୍କେଟ। ଆଜି ସକାଳୁ ସାମାନ୍ୟ ବର୍ଷା ହେବା ଫଳରେ ଚିକେନ ମାର୍କେଟରେ ପାଣି ଭର୍ତ୍ତି ହୋଇଯିବା ଫଳରେ ଗ୍ରାହକ ଅସୁବିଧାରେ ସମ୍ମୁଖୀନ ହେଇଥିଲେ। ଗ୍ରାହକମାନେ ସେହି ପାଣି ଦେଇ ଚିକେନ ଏବଂ ମଟନ କିଣିବାକୁ ଯାଉଛନ୍ତି। ଉଦଳା ଏନ୍‌ଏସିରେ ଥିବା ଚିକେନ ଏବଂ ମଟନ୍ ସେଣ୍ଟର୍‌ଗୁଡ଼ିକୁ ୧୨ ନମ୍ବର ୱାର୍ଡରେ ଥଇଥାନ କରାଯାଇଥିଲା। ଉକ୍ତ ସ୍ଥାନରେ ସ୍ଥାନୀୟ ଆର୍‌ଏମ୍‌ସି ପକ୍ଷରୁ ଦୋକାନୀଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇ ନଥିବା ବେଳେ ଆସନ୍ତୋଷ ପ୍ରକାଶ ପାଇଛି।

## କୁଆପଥର ମାଡ଼ରେ ୫୦ରୁ ଅଧିକ ବାସଗୃହ କ୍ଷତିଗ୍ରସ୍ତ



କୁଆମରା,୮।୪(ସମିସ): ଆଜି କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ସାଙ୍ଗକୁ କୁଆପଥର ମାଡ଼ ହୋଇଛି। ଏହା ଫଳରେ ଗୋପବନ୍ଧୁ ନଗର ବ୍ଲକ୍ କୁଆମରା ପଞ୍ଚାୟତ କୁସୁମିଆ ଗ୍ରାମର ପ୍ରାୟ ୫୦ ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଅଧ ଘଣ୍ଟାଏ ଧରି ବର୍ଷା ଓ ପବନ ଲାଗି ରହିଥିଲା। ତେବେ ସେ ସମୟରେ କୁଆପଥର ମାଡ ହେବା ଯୋଗୁଁ ବିଶେଷ କରି ଆଜବେଷ୍ଟ ଛପର ଗୁଡ଼ିକ ଭାଙ୍ଗି ରୁଜି ଯାଇଛି। କେତେକ ଘରର ଆଜବେଷ୍ଟସ୍‌ରେ ଛିଦ୍ର ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ କୁଆପଥରର ଓଜନ ପ୍ରାୟ ୧୦୦ ରୁ ୨୦୦ ଗ୍ରାମ ପର୍ଯ୍ୟନ୍ତ ଥିଲା। ଏହି କୁଆପଥର ମାଡ଼ରେ ଅନେକ ପରିବା ଚାଷ ମଧ୍ୟ ଉଜୁଡ଼ି ଯାଇଛି। ଆମ୍ବ ଚାଷୀ ମଧ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଖବର ପାଇ ବିଡିଓ ପୃଥ୍ୱୀରାଜ ପରିଡ଼ା ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ତୁରନ୍ତ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ଔଷଧ ଦୋକାନରେ ଚଢ଼ଉ

ଉଦଳା,୮।୪(ସମିସ): ମୟୂରଭଞ୍ଜର ବିଭିନ୍ନ ସ୍ଥାନରେ ଥିବା ଔଷଧ ଦୋକାନଗୁଡ଼ିକରେ ଚଢ଼ଉ କରାଯାଇଛି। ସ୍ଥାନୀୟ ଡ୍ରଗ୍ସ କଣ୍ଟ୍ରୋଲର୍‌ଙ୍କ ପକ୍ଷରୁ ହୋଇଥିବା ଏହି ଚଢ଼ଉବେଳେ ଦୋକାନଗୁଡ଼ିକର କାଗଜପତ୍ର, ଔଷଧ ଆଦି ଯାଞ୍ଚ ହୋଇଥିଲା। ଏଥିସହ ନିଷିଦ୍ଧ ଔଷଧ ଏହି ଔଷଧ ଦୋକାନଗୁଡ଼ିକରେ ଗଚ୍ଛିତ ଅଛି କିମ୍ବା ବିକ୍ରି ହେଉଛି କି ନାହିଁ ତାହା ଯାଞ୍ଚ କରିଥିଲେ। ସେହିପରି କିଛି ଔଷଧ ଦୋକାନରୁ ବିଭାଗୀୟ ଅଧିକାରୀମାନେ କେତେକ ଔଷଧର ନମୁନା ଯାଞ୍ଚ ପାଇଁ ନେଇଥିବା ଜଣାପଡ଼ିଛି।

### ଗୋ-ମାଫିଆଙ୍କ ବିରୋଧରେ ମହାଭିଯାନ

# ୧୫ ସ୍ଥାନରେ ଚଢ଼ଉ, ୮ କୋର୍ଟ ଚାଲାଣ

ବାରିପଦା, ୮ ।୪(ସମିସ):

ଗୋ-ଚାଲାଣକାରୀ ମାଫିଆଙ୍କ ବିରୋଧରେ ମଙ୍ଗଳବାର ଭୋରରୁ ମୟୂରଭଞ୍ଜ ଜିଲ୍ଲାର ୭ଟି ଥାନା ଇଲାକାର ୧୫ଟି ସ୍ଥାନରେ ପୁଲିସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଇ ୮ ଜଣଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଗୋ-ଚୋରାଚାଲାଣ ସହିତ ଅପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କ ବିରୋଧରେ କୋର୍ଟଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ଆଧାରରେ ପୂର୍ବାଞ୍ଚଳ ଡିଆଇଜିଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ଅଭିଯାନରେ ବାରିପଦା ଟାଉନ, ଭଞ୍ଜପୁର, ଝାରପୋଖରିଆ, ବାଙ୍ଗିରିପୋଷି, ଶୁଳିଆପଦା ଥାନା ଅଞ୍ଚଳର ୯ଟି, ବାଦାମପାହାଡ଼ ଥାନା ଅନ୍ତର୍ଗତ ୨ଟି ଏବଂ ବୈଶିଙ୍ଗା ଥାନା ଅନ୍ତର୍ଗତ ୪ଟି ସ୍ଥାନରେ ଏହି ଚଢ଼ଉ ହୋଇଥିଲା। ଅଭିଯାନରେ ୪ ଜଣ ଅତିରିକ୍ତ ଏସ୍‌ପି, ୩ ଜଣ ଡିଏସ୍‌ପି, ୧୫ ଜଣ ଇନ୍ସପେକ୍ଟର, ୧୫ ଜଣ ଏସଆଇ ଓ ୧୫ ଜଣ ଏଏସ୍‌ଆଇ ସହ ୬ ପ୍ଲାଟୁନ୍ ପୁଲିସ୍ ଫୋର୍ସ ସାମିଲ୍ ହୋଇଥିଲେ। ବାରିପଦା ଟାଉନ ଥାନା ଅନ୍ତର୍ଗତ ପୋଡ଼ଅସ୍ତିଆ ଗ୍ରାମର ସେଖ୍ ସମାଦ୍, ପୂର୍ଣ୍ଣଚନ୍ଦ୍ରପୁରର ହିମାଂଶୁ ଗିରି ଓ ମନୋରଞ୍ଜନ ଘୋଷ, ଭଞ୍ଜପୁର ଥାନାର ଭଞ୍ଜପୁରର ଅଞ୍ଜନ ସିଂ, ଝାରପୋଖରିଆ ଥାନାର ସାନଚାଟରା ବାଲିଜୁଡ଼ି ଗ୍ରାମର ବିଶ୍ୱମ୍ବର ମହାନ୍ତ, ଗଣ୍ଡିପାଣିର ନୀତୁ ମହାନ୍ତ ଓ ଶୀର୍ଷା ତୁଳସୀବଣିର ବାବୁ ଦାସ ଓରଫ ବାବୁ ମହାପାତ୍ର, ବାଙ୍ଗିରିପୋଷି ଥାନା ହାଣଦା ଗ୍ରାମର ଏସ୍‌କେ ସାକିଲ୍ ଓରଫ ଲାଲୁ, ବାଦମପାହାଡ଼ ଥାନା







ଅଧୀନ ଦେଓଗାଁ ଗ୍ରାମର ସେଖ୍ ମକସେଦ୍ ଜମାଲ୍ ଓ ସାତପଉଟିଆ ଗ୍ରାମର ନିଲୁଫାର ବେଗମ୍, ଶୁଳିଆପଦା

**୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସମେତ ସୁନା ଗହଣା ଓ ଗାଡ଼ି ଜବତ**

ଥାନା ଚାଉଳଧଉଣୀ ଗ୍ରାମର ସୁଜିତ ମହାପାତ୍ର ଓରଫ ନାଣ୍ଟୁ, ବୈଶିଙ୍ଗା ଥାନା ଗୋବିନ୍ଦରାଇପୁର ଗ୍ରାମର ମଲ୍ଲିକ୍ ଖୈରୁଦ୍ଦିନ୍, ଏସ୍‌କେ କାମିରୁଦ୍ଦିନ୍, ମଲ୍ଲିକ୍ କେମାଲୁଦ୍ଦିନ୍ ଓ ଏସ୍‌କେ ଫାଗା ଓରଫ କେଫିଉଦ୍ଦିନଙ୍କ ଘରେ ଚଢ଼ଉ କରିଥିଲେ। ସେମାନଙ୍କ ପାଖରୁ ନଗଦ ୧୨ଲକ୍ଷ ୭ହଜାର ୭୬୧ ଟଙ୍କା, ୨୧୨ ଗ୍ରାମ ସୁନା ଓ ୨ କିଲୋ ୬୪୩ ଗ୍ରାମ ରୁପା ଅଳଙ୍କାର, ୭ଟି ଚାରିଚକିଆ, ୨ଟି ତିନିଚକିଆ ଗାଡ଼ି ଓ ୨୩ଟି ବାଇକ/ସ୍କୁଟି ଏବଂ ବିଭିନ୍ନ ବ୍ୟାଙ୍କର ୪୦ଟି ପାସ୍‌ବୁକ୍ ସହିତ ଅନ୍ୟାନ୍ୟ ସମ୍ପତ୍ତି ଜବତ କରିଛି। ଜବତ ସମ୍ପତ୍ତିର ବିବରଣୀ ସମ୍ପର୍କରେ ଅଭିଯୁକ୍ତମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନଥିଲେ କି କୌଣସି ପ୍ରମାଣପତ୍ର ପ୍ରଦର୍ଶନ କରିପାରି ନଥିଲେ। ତେବେ ପଚରାଉଚରା ପରେ ସେମାନେ ସମ୍ପତ୍ତିର ବିବରଣୀ ପ୍ରଦାନ କରି ନ ପାରିଲେ ସେ ସବୁ ବ୍ୟାଜାପ୍ତି ହେବ ବୋଲି ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀ କହିଛନ୍ତି। ଏହି ସମସ୍ତ ଜବତ ସମ୍ପତ୍ତି ଗୋ-ଚୋରାଚାଲାଣ ଦ୍ୱାରା ଉପାର୍ଜିତ ବୋଲି ସନ୍ଦେହ କରାଯାଉଛି। ଏହାର ଯାଞ୍ଚ ଚାଲୁ ରହିଛି। ଏଥିରେ ଜଡ଼ିତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ପ୍ରଚେଷ୍ଟା ଜାରି ରହିଛି ବୋଲି ସେ କହିଛନ୍ତି।

## ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ବାରିପଦା,୮।୪(ସମିସ): ସାଇ ନର୍ସିଂ ହୋମ୍ ଏବଂ ସୀମାନ୍ତ ୟୁଥ୍ ମିଶନ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ପୁରୁଷୋତ୍ତମ ନାଥଙ୍କ ପୌରହିତ୍ୟରେ ଦିନିକିଆ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆରମ୍ଭ କରାଯାଇଥିଲା। ଏହି ଶିବିର ରେ ସାଇ ନର୍ସିଂ ହୋମର ଡାକ୍ତରୀ ଦଳଙ୍କ ସହିତ ହସ୍ପିଟାଲର ୭ ଜଣ କର୍ମଚାରୀ ଉପସ୍ଥିତ ଥିଲେ। ସୀମାନ୍ତ ୟୁଥ୍ ମିଶନ ସଦସ୍ୟ ମାନେ ଏହି ଶିବିରକୁ ସୁଚାରୁ ରୂପେ ପରିଚାଳନା କରିବାରେ ସହଯୋଗ କରିଥିଲେ। ମାନବ ସେବା କାର୍ଯ୍ୟରେ ସର୍ବଦା ଆଗେଇ ଆସୁଥିବା ଏକମାତ୍ର ଘୋରୋଇ ଚିକିତ୍ସାଳୟ ସାଇ ନର୍ସିଂ ହୋମ୍ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ କିପରି ଦୈନନ୍ଦିନ ଜୀବନରେ ସୁସ୍ଥ ରହିବେ ସେ ବିଷୟରେ ପରାମର୍ଶ ଦିଆଯାଇଥିଲା। ବିଭିନ୍ନ ପ୍ରକାରର ରକ୍ତ ଶର୍କରା ଓ ରକ୍ତଚାପ ପରି ମୌଳିକ ପରୀକ୍ଷା ମଧ୍ୟ କରାଯାଇଥିଲା। ପରୀକ୍ଷା ପରେ ରୋଗୀଙ୍କୁ ଆବଶ୍ୟକୀୟ ଔଷଧ ମାଗଣାରେ ପ୍ରଦାନ କରାଯାଇଥିଲା। ଡାକ୍ତର ଶ୍ରୀ ନାଥ ପ୍ରକାଶ କରିଥିଲେ "ସମାଜ ପ୍ରତି ଆମର କିଛି ଦାୟିତ୍ୱ ରହିଛି। ଏହି ଶିବିର ମାଧ୍ୟମରେ ଅନେକ ଲୋକ ନିଜର ଲୁକ୍କାୟିତ ରୋଗ ବିଷୟରେ ଜାଣିପାରିଲେ ଏବଂ ଆମେ ସେମାନଙ୍କୁ ସଠିକ୍ ପରାମର୍ଶ ଦେଇପାରିଲୁ।' ଏହି ସ୍ୱାସ୍ଥ୍ୟ ଶିବିରରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମହୁମାଛି ଆକ୍ରମଣରେ ସାମ୍ବାଦିକ ଆହତ

ମାଣତ୍ରି,୮।୪(ସମିସ): କୁଳିଅଣା ଗ୍ରାମର ସାମ୍ବାଦିକ ଅଜିତ ସେନାପତି ବାଘୁଆ ମହୁମାଛି ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସେ ନିଶ୍ଚିନ୍ତପୁର ପୋଲ ଉପରେ ମୋବାଇଲ ଫୋନରେ କଥା ହେଉଥିବା ବେଳେ ମହୁମାଛି ପଲ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ବେତନଟୀ ଡାକ୍ତରଖାନା ନେଇଥିଲେ। ଏହି ସ୍ଥାନରେ ଘଟଣାର ପୂର୍ବ ଦିନ କୁଳିଅଣା ଚନ୍ଦନେଶ୍ୱର ମହାଦେବ ମନ୍ଦିର ଘଟ ଶୋଭଯାତ୍ରା ସମୟରେ ମଧ ଲୋକଙ୍କୁ ମହୁମାଛି ଆକ୍ରମଣ କରିଥିଲେ।

## ସିରିଜ୍ ଦୁର୍ଘଟଣାରେ ୬ ଗୁରୁତର

ବଡ଼ସାହି/ମାଣତ୍ରି,୮।୪(ସମିସ): ବୈଶିଙ୍ଗା ଥାନା ଅଧୀନ ମାଣତ୍ରି-ବଡ଼ସାହି ରାସ୍ତାର ମାଳିହାତୀ ନିକଟରେ ବୁଧବାର ସନ୍ଧ୍ୟାରେ ସିରିଜ୍ ଦୁର୍ଘଟଣାରେ ୫ଜଣ ଗୁରୁତର ଆହତ ହୋଇଛନ୍ତି। ରାସ୍ତାରେ ଶୋଇଥିବା ଏକ ବାଛୁରୀକୁ ମାନଗୋବିନ୍ଦପୁର ପଞ୍ଚାୟତ ଆଗ୍ରିଆ ଗ୍ରାମର ଶ୍ରୀଧର ସ ଧକ୍କା ଦେଇ ଆହତ ହୋଇଥିଲେ। ତାଙ୍କୁ ଦେଉଳିଆ ଗ୍ରାମର ଅଟୋ ଚାଳକ ରଣଜିତ କୁମାର ସାହୁ ଉଦ୍ଧାର କରୁଥିବା ବେଳେ ଗମ୍ଭାରିଆ ଗ୍ରାମର ୩ ଯୁବକ ଗୋଟିଏ ବାଇକ୍‌ରେ ଦ୍ରୁତ ଭାବେ ଆସି ଉଭୟଙ୍କୁ ଧକ୍କାଦେଇ ୨୦୦ମିଟର ଦୂରକୁ ଘୋଷାଡ଼ି ନେଇଥିଲେ। ଫଳରେ ୫ଜଣ ଯାକ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ମାଣତ୍ରି ଡାକ୍ତରଖାନାକୁ ସ୍ଥାନୀୟ ଲୋକେ ନେଇଥିଲେ। ତେବେ ସ୍ଥିତି ସଙ୍କଟାପନ୍ନ ହେବାରୁ ରଣଜିତଙ୍କୁ ବାଲେଶ୍ୱର ଓ ଅନ୍ୟ ୪ଜଣଙ୍କୁ ବାରିପଦା ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ବଦଳିଗାଁରେ ସନ୍ଧ୍ୟା ସମୟରେ ବେଆଇନ କୁକୁଡ଼ାପାଡ଼ା ହେଉଥିବାରୁ ମଦ୍ୟପ ଓ ଜୁଆଡ଼ିମାନେ ବିଶୃଙ୍ଖଳିତ ଭାବେ ବାଇକ୍ ଚାଳନା କରି ଏଭଳି ଦୁର୍ଘଟଣାର ଶିକାର ହେଉଥିବା ସ୍ଥାନୀୟଲୋକେ କହିଛନ୍ତି।

## ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

କୁଆମରା ୮ ।୪(ସମିସ): ଖୁଣ୍ଟା ଥାନା ଟିଟିଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଅପରାହ୍ଣରେ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଏହି ଥାନା ଅନ୍ତର୍ଗତ ଯଦୁରଘେରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପୁଅ ମଧୁସୂଦନ (୩୨)। ଗତକାଲି ଅପରାହ୍ଣରେ ମଧୁସୂଦନ ସାଇକଲ ଯୋଗେ ସ୍ଥାନୀୟ ସାପ୍ତାହିକ ହାଟକୁ ଯାଉଥିବାବେଳେ ପଡ଼ୋଶୀ ଗ୍ରାମର ଶରତ ନାଏକ ନାମକ ଜଣେ ଯୁବକ ଓଡି ୧୧ ଏକେ ୮୭୮୧ ନମ୍ବର ବିଶିଷ୍ଟ ବାଇକରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦା ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ପରିବାର ଅଭିଯୋଗ କ୍ରମେ ୯୧/୨୬ ନମ୍ବର ରେ ମାମଲା ରୁଜୁ କରିଛି ପୁଲିସ। ଶବ ବ୍ୟବଚ୍ଛେଦ ପରେ ଆଜି ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଚଳାଇଛନ୍ତି ଏଏସ୍‌ଆଇ ଲିଲି ବେହେରା।

## ଆଜିଠାରୁ ବିଶ୍ୱବିଦ୍ୟାଳୟ ବହିହାଟ

ବାରିପଦା,୮।୪(ସମିସ): ଓଡ଼ିଶା ସରକାରଙ୍କ 'ଓଡ଼ିଆ ପକ୍ଷ' ପାଳନ ଅବସରରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଅନୁଯାୟୀ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ଦ୍ୱାରା ଗୁରୁବାର ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ କେନ୍ଦ୍ରୀୟ ପାଠାଗାର ସମ୍ମୁଖ ଆମ୍ରବନ ଛାୟାରେ ଏକ ବହିହାଟର ଆୟୋଜନ ହେବାକୁ ଯାଉଛି। ଏଥିରେ ମୟୂରଭଞ୍ଜ ତଥା ବହିରାଗତ ଲେଖକ ଓ ବହି ବିକ୍ରେତାମାନେ ସେମାନଙ୍କର ପୁସ୍ତକମାନ ଧରି ବିଶ୍ୱବିଦ୍ୟାଳୟ ତରଫରୁ ଯୋଗାଇ ଦିଆଯାଇଥିବା ଷ୍ଟଲ୍‌ରେ ବହି ବିକ୍ରି କରିପାରିବେ ବୋଲି ବିଶ୍ୱବିଦ୍ୟାଳୟ ତରଫରୁ ପ୍ରକାଶ କରାଯାଇଛି। ଏ ଅବସରରେ ଏକ ଓଡ଼ିଆ କବିତା ପାଠୋତ୍ସବ ମଧ୍ୟ ଆୟୋଜନ କରାଯିବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଜଣାଇଛନ୍ତି।

## ପ୍ରାଚୀର ପତ୍ରିକା 'ଲେଖାଶ୍ରୀ' ଉନ୍ମୋଚିତ

ବାରିପଦା,୮।୪(ସମିସ): ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାଚୀର ପତ୍ରିକା 'ଲେଖାଶ୍ରୀ'ର ବାର୍ଷିକ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଲେଜର ଅଧ୍ୟକ୍ଷ ପ୍ର. ନାରାୟଣ ପ୍ରସାଦ ବେହେରା ଯୋଗଦେଇ



ପ୍ରାଚୀର ପତ୍ରିକାର ଉନ୍ମୋଚନ କରିବା ସହ ନିଜ ବକ୍ତବ୍ୟରେ କହିଥିଲେ ଯେ ସୃଜନଶୀଳତା ହିଁ ମଣିଷର ଚେତନା ଜଗତକୁ ଉନ୍ନତ କରାଏ। ବିଭାଗୀୟ ଅଧ୍ୟାପକ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର ଏହି ଅବସରରେ ସାହିତ୍ୟ ସହ ଜୀବନର ସମ୍ପର୍କ ଓ ଛାତ୍ରଛାତ୍ରୀ କିପରି ଆହୁରି ସୃଜନ ମନସ୍କ ହେବେ ସେ ସମ୍ପର୍କରେ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ଛନ୍ଦିତା ବିଶ୍ୱାଳ ଛାତ୍ରଛାତ୍ରୀଙ୍କ ଭିତରେ ଥିବା ଏପରି ସୃଜନ ଭାବକୁ ଉଚ୍ଚ ପ୍ରଶଂସା କରିଥିଲେ। ସ୍ନାତକ ଛାତ୍ରୀ ଶୁଭଶ୍ରୀ ଦୀକ୍ଷିତ୍ ପତ୍ରିକାକୁ ସମ୍ପାଦନା କରିଥିବା ବେଳେ ଅଳଙ୍କରଣରେ ଅଧ୍ୟାପକ ଡ. ଦୟାନିଧି ପରିଡ଼ା ଓ ଧନଞ୍ଜୟ ସିଂ ଦିଗଦର୍ଶନ ଦେଇଥିଲେ। ଶେଷରେ ଅଧ୍ୟାପକ ଡ. ଦିଲ୍ଲୀପ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ବିଶ୍ୱବିଦ୍ୟାଳୟର ଗବେଷକମାନେ ଉପସ୍ଥିତ ରହିଥିଲେ।

## ଚେକ୍ ବାଉନ୍ସ ମାମଲାରେ ୬ ମାସ ଜେଲ୍‌ଦଣ୍ଡ

ଉଦଳା,୮।୪(ସମିସ): ଉଦଳା ଏସ୍‌ଡିଜେଏମ୍ ଅନୁରାଗ ଦେହୁରୀ ଏକ ଚେକ୍ ବାଉନ୍ସ ମୋକଦ୍ଦମାରେ ସଂପୃକ୍ତ ବ୍ୟକ୍ତିଙ୍କୁ ୬ ମାସ ଜେଲ ଦଣ୍ଡାଦେଶ ରାୟ ଦେଇଛନ୍ତି। ସାନଖୁଣ୍ଟା ଅଞ୍ଚଳର ଆସାମୀ ହରିଶ ଚନ୍ଦ୍ର ଖିଲାରଙ୍କୁ ୧ଲକ୍ଷ ୮୯ହଜାର ୬୫୦ ଟଙ୍କା ସହ ୬ ମାସ ଜେଲ ଦଣ୍ଡାଦେଶ ସହିତ ଜୋରିମାନା ଅନାଦେୟବାବଦକୁ ଅଧିକ ୨ ମାସ ଜେଲ୍ ଦଣ୍ଡାଦେଶ ନେଇ ରାୟ ଦେଇଛନ୍ତି। ଅଭିଯୁକ୍ତ ହରିଶ ଚନ୍ଦ୍ର ଖିଲାର ମୟୂରଭଞ୍ଜ ସେଣ୍ଟ୍ରାଲ୍ କୋ ଅପରେଟିଭ୍ ବ୍ୟାଙ୍କ ଖୁଣ୍ଟା ଶାଖାରୁ ୨୦୧୬ ସମିହାରେ ଏମ୍‌ଟିଏନ୍‌ଏ ଲୋନ୍ ନେଇଥିଲେ। ମାତ୍ର ନିୟମିତ ଟଙ୍କା ପରିଶୋଧ ନ କରିବାରୁ ତତ୍‌କାଳୀନ ବ୍ୟାଙ୍କ ମ୍ୟାନେଜର ଖୁଣ୍ଟା ଅଧିକାରୀ ଟଙ୍କା ମାଗିଥିଲେ। ଅଭିଯୁକ୍ତ ୨୦୧୮ ଅଗଷ୍ଟ ମାସରେ ୧ଲକ୍ଷ ୧୬ହଜାର ୩୫୦ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ଉକ୍ତ ଚେକ୍ ବ୍ୟାଙ୍କରେ ଡିପୋଜିଟ୍ ହେବା ପରେ ତାହା ବାଉନ୍ସ ହୋଇଥିଲା। ଯାହାକୁ ନେଇ ବ୍ୟାଙ୍କର ମ୍ୟାନେଜର ଏସ୍‌ଡିଜେଏମ୍ ଉଦଳାଙ୍କ କୋର୍ଟରେ ଏକ ମୋକଦ୍ଦମା ଆଗତ କରିଥିଲେ। ଯାହାର ବିଚାର ପରେ ବୁଧବାର ରାୟ ପ୍ରକାଶ ପାଇଛି।

## ଓଡ଼ିଆରେ ନାମଫଳକ ଲେଖିବା ପାଇଁ ସଚେତନତା

ରାଇରଙ୍ଗପୁର,୮।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଦୋକାନ ନାମଫଳକ ଓଡ଼ିଆରେ ଲେଖିବାକୁ ସଚେତନତା କରାଯାଇଛି। ବାମନଘାଟି ଉପଖଣ୍ଡ ଶ୍ରମ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ ୧୯୫୬ ଅନୁଯାୟୀ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନର ନାମଫଳକ ଓଡ଼ିଆ ଭାଷାରେ ଲେଖିବାକୁ ସଚେତନତା ସୃଷ୍ଟି କରାଯାଉଛି। ଯାହାକୁ ନେଇ ରାଇରଙ୍ଗପୁରସ୍ଥିତ ବିଭିନ୍ନ ଦୋକାନରେ ସଚେତନ କରାଯାଇଛି। ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ବୁଲି ସଚେତନତା ସୃଷ୍ଟି କରିବା ସହ ଖିଲାପକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ପ୍ରଦାନ କରାଯାଇଛି। ଆସନ୍ତା ସପ୍ତାହକ ମଧ୍ୟରେ ଅନୁପାଳନ କରିବା ପାଇଁ ଅନୁରୋଧ କରାଯାଇଛି। ଓଡ଼ିଆ ଭାଷାକୁ ସମ୍ମାନ ଦେଇ ଓଡ଼ିଆରେ ନାମଫଳକ ଲେଖିବାକୁ ଅନୁରୋଧ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉପଖଣ୍ଡ ଶ୍ରମ ବିଭାଗ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।

### ମାଦଳ ମହୁରୀ ଉତ୍ସବ ଉଦ୍‌ଘାଟିତ

# 'ମହାବିଭ୍ରାଟ' ଓ 'ରାଜଧାନୀରେ କରୋନା ଠକ' ମଞ୍ଚସ୍ଥ

ବାରିପଦା,୮।୪(ସମିସ):

ସ୍ଥାନୀୟ ସହିଦ ସ୍ମୃତି ଭବନରେ ଦୁର୍ଯ୍ୟ - ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖିନ କଳାକାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ ଦିନିଆ ମାଦଳ ମହୁରୀ ଉତ୍ସବ-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ପରିଷଦର ମୁଖ୍ୟ ସଂଯୋଜକ କ୍ଷୀରୋଦ ବିହାରୀ ସିଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଅତିଥି ଭାବେ ଯୋଗଦେଇ ଆମ ଜିଲ୍ଲାର ଦୁଇ ବରପୁତ୍ର ଇ ଅଶୋକ ବସା ଓ ଶିକ୍ଷାବିତ କିଶୋର କୁମାର ବସା, ଶିକ୍ଷାବିତ ପ୍ରୋ ମୋହିତ କୁମାର ଷଡ଼ଙ୍ଗୀ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଉତ୍ସବର ସଫଳତା କାମନା କରିବା ସହ ଏହି ଉତ୍ସବରେ ମଞ୍ଚସ୍ଥ ହେଉଥିବା ନାଟକରେ ଯୁବ କଳାକାର ଓ ନିର୍ଦ୍ଦେଶକଙ୍କୁ ସୁଯୋଗ ଦେଇଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଏହି



ଅବସରରେ ଉପସ୍ଥିତ ଅତିଥିଙ୍କୁ ତାଙ୍କର ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମ ସନ୍ଧ୍ୟାରେ ନାଟ୍ୟକାର କ୍ଷୀରୋଦ ବିହାରୀ ସିଟଙ୍କ ରଚିତ ଦୁଇଟି ମନୋରଞ୍ଜନଧର୍ମୀ ନାଟକ ମଞ୍ଚସ୍ଥ ହୋଇଥିଲା। ଗୁହିରାମ ଜେନାଙ୍କ ନିର୍ଦ୍ଦେଶିତ 'ମହା ବିଭ୍ରାଟ' ନାଟକରେ ପ୍ରସନ୍ନ କୁମାର ମହାନ୍ତି, ସରୋଜ କୁମାର ଶତପଥି, ଘନଶ୍ୟାମ କର, ହିମାଂଶୁ ସାହୁ, ଜ୍ୟୋତିର୍ଜୀବ ସେଠୀ ଓ କାର୍ତ୍ତିକ ଚନ୍ଦ୍ର ବେହେରା ଅଭିନୟ କରିଥିବା ବେଳେ ଲଭରଜିତ ସାହୁ ମଞ୍ଚ ଓ ଧରମଜିତ ମହାପାତ୍ର ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଧନଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ 'ରାଜଧାନୀରେ କରୋନା ଠକ' ନାଟକରେ ଧନଞ୍ଜୟ, ପ୍ରେମଦୀପ, ଅବିନାଶ, ସିଦ୍ଧାର୍ଥ, ଜ୍ୟୋତିଶଙ୍କର ଓ କାକୋଳି ଅଭିନୟ କରିଥିଲେ। ଚିନ୍ମୟ ଶେଜପଡ଼ା ଓଡ଼ିଶୀ ନୃତ୍ୟ, ସରନ୍ୟା ସାହୁ, ମୋନାଲିସା ସେଠି ଓ ଆଦ୍ୟାଶା ଗଜେନ୍ଦ୍ର ମହାପାତ୍ରଙ୍କ ସଂଗୀତ ତଥା ନଂ - ୧ ଡ୍ୟାନ୍ସ ଏକାଡେମୀର କୁନି କଳାକାରଙ୍କ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା।

ସକାଳ
THE SAKALA



## ଆନନ୍ଦପୁର ମହୋତ୍ସବ ଉଦ୍‌ଘାଟିତ

# ଉଠିଲା ଜିଲ୍ଲା ମାନ୍ୟତା ଓ ରେଳପଥ ସଂଯୋଗ ଦାବି

ଆନନ୍ଦପୁର,୮।୪(ସମିସ)






ବହୁ ପ୍ରତୀକ୍ଷିତ ଆନନ୍ଦପୁର ମହୋତ୍ସବ ଉଦ୍‌ଘାଟିତ ହୋଇଛି। ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ସଭାପତିତ୍ୱରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଓ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଆନନ୍ଦପୁର ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ପ୍ରଦାନ ଓ ରେଳପଥ ସଂଯୋଗ ପାଇଁ ଦାବି ଉଠାଇଥିଲେ। ଅଭିନେତ୍ରୀ ରାଜଲକ୍ଷ୍ମୀ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ରଘୁଦୀପ୍ତି ନାୟକ ଧନ୍ୟବାଦ ଦେଇଥିଲେ। ଶର୍ମିଷ୍ଠା ସରକାର ଓ ସାଥୀ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମହୋତ୍ସବ କମିଟିସଦସ୍ୟ ପୂର୍ବତନ ପୌରାଧ୍ୟକ୍ଷ ରାମଚନ୍ଦ୍ର ସାହୁ, ଶାନ୍ତନୁ ସେଠୀ, ସୁରେଶ ସାହୁ, ଅସୀମା ମିଶ୍ର, ସିଲୁ ପଟ୍ଟନାୟକ, ରମେଶ ସାହୁ, ହେମନ୍ତ ସାହୁ, ସନ୍ତୋଷ ଜେନା, ବିଶ୍ୱନାଥ ପ୍ରତାପ ଜେନା, ଟୁକୁନା ମହାନ୍ତ, ମାନସ ସାହୁ, ଧବଳେଶ୍ୱର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସକାଳେ ଘସିପୁରା ଝାଡ଼େଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରା ଓ ସାଂସ୍କୃତିକ ଶୋଭାଯାତ୍ରା ମହୋତ୍ସବ ପଡ଼ିଆକୁ ଆସିଥିଲା। ଡେପୁଟି କଲେକ୍ଟର ତପନ ପ୍ରଧାନ, ସୌରଭ କୁମାର ରଣଜିତ, ଆସିଷ୍ଟାଣ୍ଟ କଲେକ୍ଟର ଧୀରେନ୍ଦ୍ର କୁମାର ସିଂହ, ଘସିପୁରା ବିଡିଓ ବିନୀତା ବିଜୟିନୀ, ଆନନ୍ଦପୁର ବିଡିଓ ମନୋଜ କୁମାର ମହାନ୍ତ, ତହସିଲଦାର ପଲ୍ଲବୀ ପ୍ରିୟଦର୍ଶିନୀ, ହାଟଡିହି ବିଡିଓ ରଞ୍ଜନ ପରିଡା, ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ କଳାକାରଙ୍କୁ ନେଇ ପାଲା, ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ମହୋତ୍ସବସ୍ଥଳରେ ସମୁଦାୟ ୧୭୯ଟି ଷ୍ଟଲ ଖୋଲାଯାଇଥିବା ବେଳେ ୩୬ଟି ସରକାରୀ ଷ୍ଟଲ ଦେଖାଯାଇଥିଲା। ପ୍ରଥମ ଦିନ ବର୍ଷା ଯୋଗୁଁ ଜନସମାଗମ କମ୍ ଥିଲା। ଆଇନ୍‌ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଆନନ୍ଦପୁର ଏସଡ଼ିପିଓ କମଳ କୁମାର ପଣ୍ଡା, ଆନନ୍ଦପୁର ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାୟକ ପ୍ରମୁଖ ସଶସ୍ତ୍ର ପୁଲିସ ଫୋର୍ସ ସହ ମୁତୟନ ରହିଛନ୍ତି।

## ନୂତନ କୁଳପତିଙ୍କୁ ଭେଟିଲେ ଏମ୍‌ସିଏମ୍ ଅଧ୍ୟକ୍ଷ

ବାରିପଦା, ୮।୪(ସମିସ): ବୁଧବାର ଅପରାହ୍ଣରେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍‌ସି ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ନୂତନ ଭାବେ ନିଯୁକ୍ତି ପାଇଥିବା କୁଳପତି ତାଙ୍କ ପ୍ରକୋଷ୍ଠରେ ଭେଟି ବୃକ୍ଷ ଚାରା ଦେଇ ଶୁଭେଚ୍ଛା ଜଣାଇଛନ୍ତି। ସୂଚନା ଯୋଗ୍ୟ ଯେ ଖୁବ ନିକଟରେ ରାଜ୍ୟ ସରକାର ଏକ କାଳୀନ ୧୪ଟି ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ନିଯୁକ୍ତି ଦେଇଛନ୍ତି। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଡ. ମହେନ୍ଦ୍ର କୁମାର ମହାନ୍ତିଙ୍କୁ ନିଯୁକ୍ତି ଦେଇଥିଲେ। ନୂତନ କୁଳପତି ପ୍ରଫେସର ଡ. ମହାନ୍ତି ବୁଧବାର ବିଧିବଦ୍ଧ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଶ୍ରୀ ନାୟକ କୁଳପତିଙ୍କୁ ସ୍ୱାଗତ କରିବା ସହ ତାଙ୍କ କାର୍ଯ୍ୟକାଳ ସମୟରେ ବିଶ୍ୱବିଦ୍ୟାଳୟ ଏକ ନୂତନ ସ୍ତରକୁ ଯିବା ସହ ଏକ ନୂତନ ଛାପ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଛନ୍ତି। କୁଳପତିଙ୍କ ସାକ୍ଷାତ ସମୟରେ ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ କୁମାର ରଣା, ଉପ ପରୀକ୍ଷା ନିୟନ୍ତ୍ରକ ରମାକାନ୍ତ ମହାନ୍ତ, କୁଳସଚିବ ସୁମତି ସିଂହ ଓ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନର ସହଯୋଗୀ ପ୍ରଫେସର ତଥା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସଭାପତି ଡ଼ ଦେବେଶ ଚନ୍ଦ୍ର ହୋତା ଉପସ୍ଥିତ ଥିଲେ। ସାକ୍ଷାତ ସମୟରେ ନୂତନ କୁଳପତି ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ର ଉଦ୍ଦେଶ୍ୟ ସାଧନ ସହ, ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି। କୁଳପତିଙ୍କ ସହ ଆଲୋଚନା ବେଶ ସାକାରତକ ଥିଲା ବୋଲି ଅଧ୍ୟକ୍ଷ ଶ୍ରୀ ନାୟକ ପ୍ରକାଶ କରିଛନ୍ତି।



## ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା






ଆନନ୍ଦପୁର, ୮।୪(ସମିସ): ଘସିପୁରା ବ୍ଲକ ଦେଓଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପଲତା ସ୍ୱାଇଁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟ କମିଟି ସହଯୋଗରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷୟିତ୍ରୀ ମାଳତୀ ଭୂୟାଁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ବିଶେଷ ଅତିଥି ଭାବେ ଅବସରପ୍ରାପ୍ତ ଆନନ୍ଦପୁର ବିଇଓ ଶରତ କୁମାର ରାଉତ, ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ଯୋଗେନ୍ଦ୍ରନାଥ ପଣ୍ଡା, ମୁଖ୍ୟବକ୍ତା ଭାବେ କବି ଓ ଶିକ୍ଷାବିତ ପ୍ରଫୁଲ୍ଲ ଚକ୍ର, ସମ୍ମାନିତ ଅତିଥି ଭାବେ ଦେଓଗାଁ ସରପଞ୍ଚ ସତ୍ୟରଞ୍ଜନ ଭୂୟାଁ, ସମାଜସେବୀ ମୁରଲୀଧର ରାଉତ, ଆଞ୍ଚଳିକ ସାଧନା କେନ୍ଦ୍ର ଦେଓଗାଁର ସଂଯୋଜକ ପ୍ରସନ୍ନ ସା ଯୋଗ ଦେଇଥିଲେ।

ସେହିପରି ରାମଚନ୍ଦ୍ରପୁରସ୍ଥିତ ଲକ୍ଷ୍ମୀନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ମୁଖ୍ୟବକ୍ତା ଭାବେ କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଡ଼ଃ ରାମଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଆନନ୍ଦପୁର ପୂର୍ବତନ ବିଇଓ ଶରତ ରାଉତ, ଭୁବନେଶ୍ୱର ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଭରତଚନ୍ଦ୍ର ସାହୁ, ରାମଚନ୍ଦ୍ରପୁର ପଞ୍ଚାୟତ ସରପଞ୍ଚ ପ୍ରଦୀପ ସାହୁ, ସମିତିସଭ୍ୟ ମନ୍ମଥ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ ସାହୁ, ଦାମୋଦର ଶା, ଶତ୍ରୁଘ୍ନ ସାହୁ, ତପସ୍ୱିନୀ ସ୍ୱାଇଁ କେନ୍ଦୁଝର ଜିଲ୍ଲା ଓଷ୍ଟା ସମ୍ପାଦକ ରଞ୍ଜନ ଘଡେଇ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ କାଳନ୍ଦୀ ସାହୁ, ପଞ୍ଚଶଖା ଶିକ୍ଷା ସେତୁ ସଭାପତି ଶୁଭ୍ରାଂଶୁ ଦେଓ, ସମାଜସେବୀ ମୁରଲୀଧର ରାଉତ, ଦାମୋଦର ନାୟକ, ରେଣୁକା ସାହୁ ଯୋଗ ଦେଇଥିଲେ। ଶିକ୍ଷକ ଶତ୍ରୁଘ୍ନ ସାହୁଙ୍କ ବିଦ୍ୟାଳୟ ପ୍ରତି ଅତୁଳନୀୟ ଅବଦାନ ଓ କାର୍ଯ୍ୟଶୈଳୀ ପାଇଁ ଅତିଥିମାନେ ପ୍ରଶଂସା କରିଥିଲେ। ଅତିଥି ପରିଚୟ ଶିକ୍ଷୟିତ୍ରୀ ଅନୁପମା ସାହୁ, ଧନ୍ୟବାଦ ଅର୍ପଣ ଶିକ୍ଷୟିତ୍ରୀ ମୋନାଲିସା ରାଉତ କରିଥିଲେ। ଶିକ୍ଷକ ଅର୍ଜୁନ ଗାହାଣ, ରୁଦ୍ରନାରାୟଣ ବେହେରା, ପ୍ରକାଶଚନ୍ଦ୍ର ମଲ୍ଲିକ, ରଞ୍ଜନ ସେଠୀ, ଶିକ୍ଷୟିତ୍ରୀ ମାତୃଶ୍ରୀ ସାହୁ, ପ୍ରଜ୍ଞା ପ୍ରିୟଦର୍ଶିନୀ ରାଉତ, ମଧୁସ୍ମିତା ଜେନା, ଅନନ୍ୟା ଶ୍ରାବଣୀ ଖାମୁରାଇ, କର୍ମଚାରୀ ବିଶ୍ୱରଂଜନ ଚକ୍ର, ଶ୍ରୀଧର ସାହୁ, ଅଶୋକ ସାହୁ ସହଯୋଗ କରିଥିଲେ।

## ଜାତୀୟ ସ୍କୁଲ ବେସ୍‌ବଲ୍ ଖେଳିବେ ଜିଲ୍ଲାରୁ ୩ ଛାତ୍ରଛାତ୍ରୀ





କେନ୍ଦୁଝର/ଆନନ୍ଦପୁର, ୮।୪(ସମିସ): ଆସନ୍ତା ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ୬୯ତମ ଜାତୀୟ ସ୍କୁଲ କ୍ରୀଡ଼ାର ବେସବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗନେବାକୁ କେନ୍ଦୁଝର ଜିଲ୍ଲାରୁ ଦୁଇ ଜଣ ଛାତ୍ର ମନୋନୀତ ହୋଇଛନ୍ତି। ପୁରୁଣା ବାନ୍ଧଗୋଡା ବଳରାମଧିର ସରକାରୀ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ନିତିଶ ପଟ୍ଟନାୟକ, ରିୟା ସାହୁ ଓ ଖୁସବୀର ନାୟକ ୯ ତାରିଖ କଟକ ଜଗତପୁର ପ୍ରଶିକ୍ଷଣ ଶିବିରରେ ଯୋଗଦେବା ପରେ ୧୩ରେ ଦିଲ୍ଲୀ ଗସ୍ତ କରିବେ। ନିତିଶ ପୁରୁଣାବାନ୍ଧଗୋଡା ଗ୍ରାମର ନିଶିକାନ୍ତ ପଟ୍ଟନାୟକ ଓ ନର୍ମଦା ପଟ୍ଟନାୟକଙ୍କ ଏକମାତ୍ର ପୁତ୍ର ଅଟନ୍ତି। ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିର୍ମଳଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ଶିକ୍ଷକଶିକ୍ଷୟିତ୍ରୀ ନାରାୟଣ ଦାସ, ଦେବେନ୍ଦ୍ର ପ୍ରସାଦ ସାହୁ, ବିଶ୍ୱଜିତ ଖୁଣ୍ଟିଆ, ଅତିଶ ଜେନା, ଲକ୍ଷ୍ମୀପ୍ରିୟା ସାହୁ, ଶୁଭ୍ରଜିତ ଧୀର, ବାସନ୍ତୀ ରଣା, ଲକ୍ଷ୍ମୀଧର ରାଉତ ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ସୁରେଶ ଭୂୟାଁ ନିତିଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଦେବବ୍ରତ ପଟ୍ଟନାୟକ ଓ ଘସିପୁରା ବ୍ଲକର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀ ନିତିଶଙ୍କୁ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଇଛନ୍ତି।

କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ରଘୁନାଥପୁର ପଞ୍ଚାୟତସ୍ଥିତ ଆଠପଲ୍ଲୀ ହଳଧରପୁର ସରକାରୀ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଖୁସବୀର ଏହି ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଞ୍ଛାନିଧି ସାହୁ, କ୍ରୀଡ଼ା ଶିକ୍ଷକ ଶ୍ରୀନିବାସ ମଲ୍ଲିକ ତଥା ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ, ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଖୁସବୀରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଉଜ୍ଜ୍ୱଳ ଭବିଷ୍ୟତ ଓ ସଫଳତା କାମନା କରାଯାଇଛି। ଖୁସବୀର ଜଜପଶି ଗ୍ରାମର ମିତ୍ରଭାନୁ ନାୟକ ଓ ରଞ୍ଜୁରାଣୀ ନାୟକଙ୍କ ପୁତ୍ର ଅଟନ୍ତି। ସେହିପରି ଘସିପୁର ବ୍ଲକ୍ ଘସିପୁରା ଝାଡ଼େଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ରିୟା ସାହୁଙ୍କୁ ମଧ୍ୟ ଶିକ୍ଷକ, ଅଭିଭାବକ, ଛାତ୍ରଛାତ୍ରୀ, ଶିକ୍ଷା କର୍ମଚାରୀ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ନୂତନ କୁଳପତିଙ୍କ ଦାୟିତ୍ୱ ଗ୍ରହଣ

ବାରିପଦା, ୮।୪(ସମିସ): ବାରିପଦାସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ (ଏମ୍‌ଏସ୍‌ସିବି) ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି। ସୋମବାର ରାଜ୍ୟପାଳ ତଥା କୁଳାଧିପତି ହରିବାବୁ କମ୍ଭମପତି ପ୍ରଫେସର ମହାନ୍ତିଙ୍କ ନିଯୁକ୍ତି ସମ୍ପର୍କରେ ବିଧିବଦ୍ଧ ସୂଚନା ପ୍ରଦାନ କରିବା ପରେ ବୁଧବାର ପ୍ରଫେସର ଶ୍ରୀ ମହାନ୍ତି ଏଠାରେ ପହଞ୍ଚି ପୂର୍ବତନ ଭାରପ୍ରାପ୍ତ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥିଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଫେସର ଶ୍ରୀ ମହାନ୍ତି ଜଣେ ଅଭିଜ୍ଞ ଶିକ୍ଷାବିତ୍ ଓ ପ୍ରଶାସକ। ତାଙ୍କର ଶିକ୍ଷାଗତ ପୃଷ୍ଠଭୂମି ଅତ୍ୟନ୍ତ ପ୍ରଶଂସନୀୟ। ସେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରୁ ବିଟେକ୍ କରିଛନ୍ତି। ସେ ପ୍ରତିଷ୍ଠିତ ଆଇଆଇଟି ଖଡ଼ଗପୁରରୁ ଏମଟେକ୍ ଏବଂ ଆଇଆଇଟି ଦିଲ୍ଲୀରୁ ପିଏଚଡି ଡିଗ୍ରୀ ହାସଲ କରିଛନ୍ତି। ଓୟୁଏଟି ଭୁବନେଶ୍ୱରରେ ସେ ବିପିସିଏଲ ବାୟୋଫୁଏଲ ଚେୟାର ଭାବେ କାର୍ଯ୍ୟ କରିବା ସହ ଜଣେ ପ୍ରଫେସର ଭାବେ ଅବସର ଗ୍ରହଣ କରିଛନ୍ତି। ତାଙ୍କର ଏହି ଦୀର୍ଘ ଦିନର ଶୈକ୍ଷିକ ଓ ଗବେଷଣାତ୍ମକ ଅଭିଜ୍ଞତା ବିଶ୍ୱବିଦ୍ୟାଳୟର ପ୍ରଗତିରେ ସହାୟକ ହେବ ବୋଲି ଆଶା କରାଯାଉଛି। ବାରିପଦା ଅଞ୍ଚଳର ବୁଦ୍ଧିଜୀବୀ ଓ ଛାତ୍ର ସମାଜ ମଧ୍ୟରେ ଏହି ନିଯୁକ୍ତିକୁ ନେଇ ଉତ୍ସାହ ପ୍ରକାଶ ପାଇଛି।



## ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଗାୟକଙ୍କ ପାଲା ପରିବେଷଣ



ଆନନ୍ଦପୁର, ୮।୪(ସମିସ): ଘସିପୁରା ବ୍ଲକ ସାଇଁକୁଳଠାରେ ମା'ହିଙ୍ଗୁଳାଙ୍କ ବାର୍ଷିକ ପୂଜା ଉପଲକ୍ଷେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଲକ୍ଷ୍ମୀଧର ରାଉତଙ୍କ ଦ୍ୱାରା ପାଲା ପରିବେଷଣ ହୋଇଛି। ଅନେକ ଦିନ ହେବ ପାଲା ବନ୍ଦ ଥିବା ବେଳେ ଗ୍ରାମର କିଛି ଆଦର୍ଶଯୁବପିଢ଼ି ଏକାଠି ହୋଇ ପୁଣିଥରେ ପାଲା ସଂସ୍କୃତିକୁ ଗଢି ତୋଳିଛନ୍ତି। ଯୁବକଙ୍କ ଏଭଳି କାର୍ଯ୍ୟକୁ ଆଖପାଖର ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସା କରାଯାଇଛି। ସାଇଁକୁଳ ଏକ କଳା ସଂସ୍କୃତି ସମ୍ପନ୍ନ ଗାଁ। ପ୍ରଫେସର ଡ଼ ସନତ ରଥଙ୍କ ଅତିଥି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାଇଁକୁଳର ଅନାମ ନାୟକ ଓ ଗୋପାଳ ପଣ୍ଡାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

## ମା' ହିଙ୍ଗୁଳା ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ଆନନ୍ଦପୁର, ୮।୪ (ସମିସ): ଉଜୁଣି ମା' ହିଙ୍ଗୁଳାଙ୍କ ପୀଠରେ ଆୟୋଜିତ ତ୍ରିଦିବସୀୟ ଯଜ୍ଞର ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ପଞ୍ଚାୟତସମିତି ଅଧ୍ୟକ୍ଷ ଦେବାଶିଷ ପାତ୍ର, ମୁଖ୍ୟବକ୍ତା ଭାବେ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଶରତ ରାଉତ, ସମ୍ମାନିତ ଅତିଥି ଭାବେ ହଂସ ନାରାୟଣ ସ୍ୱାଇଁ, ନିରାକାର ଭଞ୍ଜ, ଅଲେଖ ଜେନା, ଭିକାରୀ ଚରଣ ମାଝୀ, ସୁଦର୍ଶନ ଭଞ୍ଜ ଯୋଗଦାନ କରିଥିଲେ। ନବଘନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଗ୍ରାମର ଅନେକ ମୁରବି ବୁଦ୍ଧିଜୀବୀ ସହଯୋଗ କରିଥିଲେ। ତାରୁଆଁ ଗ୍ରାମର ଚିତ୍ରଲେଖା ଜେନା ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ, ମହୁରୀ ଗ୍ରାମର ସମୀକ୍ଷା ରାଉତ ଦ୍ୱିତୀୟ ଓ ଉଜୁଣୀ ଗ୍ରାମର ଶ୍ୱେତା ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସୁଦର୍ଶନ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। ଅଜୟ ମଲ୍ଲିକ ସଂଯୋଜନା କରିଥିଲେ।

## ପ୍ରାଣୀ ବିଜ୍ଞାନ ବିଭାଗର ବିଦାୟ ଉତ୍ସବ




ଆନନ୍ଦପୁର, ୮।୪(ସମିସ): ଆନନ୍ଦପୁର ଉପଖଣ୍ଡ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛତ୍ରୀମାନେ ଉତ୍ସବ ଆୟୋଜନ କରିଥିଲେ। ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଅଳକା ପାଢ଼ୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବିଦାୟୀ ଛାତ୍ରଛତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଭବାନୀ ପ୍ରସାଦ ବଳ, ସୁଧାକର ଜେନା, ମହେଶ୍ୱର ଜେନା, ଦାମୋଦର ମୁଣ୍ଡା, କ୍ଷେତ୍ରବାସୀ ସୋରେନ, ବିଜୟ ଚକ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ। ସୋରେନ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନ ସହାୟତା ସଚେତନତା କେନ୍ଦ୍ର ଉଦ୍‌ଘାଟିତ



ଆନନ୍ଦପୁର, ୮।୪ (ସମିସ): ଆନନ୍ଦପୁର ତାଲୁକ ଆଇନସେବା ସମିତି ପକ୍ଷରୁ ଆନନ୍ଦପୁର ମହୋତ୍ସବ ପଡ଼ିଆରେ ଏକ ଆଇନ ସଚେତନତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦେବଦତ୍ତ ଦାସ ମହାପାତ୍ର, ସମ୍ମାନିତ ଅତିଥି ସବଜଜ୍ ଗୌରବ ପୁରୋହିତ, ଏସ୍‌ଡିଜେଏମ୍ ଗୌରୀଶଙ୍କର ପଣ୍ଡା, ଜେଏମ୍‌ଏଫସି ଯଶସ୍ୱିନୀ ମହାପାତ୍ର, ବାର୍ ଆସୋସିଏସନ ସଭାପତି ଦୟାନିଧି ଦାଶ, ସମ୍ପାଦକମଧୁସ୍ମିତା ଦାସ, ଏସ୍‌ଡିପିଓ କମଳାକାନ୍ତ ପଣ୍ଡା, ଆଇନଜୀବୀ ବାଇଧର ସେଠୀ, ହେମରଞ୍ଜନ ବେହେରା, ହୃଦାନନ୍ଦ ଦ୍ୱିବେଦୀ, ଭାଗୀରଥି ଦାଶ, ଜୟନ୍ତ କୁମାର ରାଜ, ପାରା ଲିଗାଲ୍ ସ୍ୱେଚ୍ଛାସେବୀ ଜ୍ୟୋତିରଞ୍ଜନ ଜେନା, ପଦ୍ମନାଭ ପାତ୍ର, ମମତା ଜେନା, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ସମାରୋହରେ ସାମିଲ ହୋଇଥିଲେ।

## ଓଡ଼ିଆ ପକ୍ଷରେ ରକ୍ତଦାନ ଓ ସେବା ଶିବିର

ଯୋଡ଼ା, ୮।୪(ସମିସ): ଟାଟା ଷ୍ଟିଲ୍ ମେନ୍ ହସ୍ପିଟାଲ୍, ଯୋଡା ପକ୍ଷରୁ ବୁଧବାର ୧୪ ଦିନିଆ ସାଂସ୍କୃତିକ ପର୍ବ 'ଓଡ଼ିଆ ପକ୍ଷ-୨୦୨୬' ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଟାଟା ଷ୍ଟିଲ୍ ମେନ୍ ହସ୍ପିଟାଲ୍, ଯୋଡାର ମୁଖ୍ୟ ଚିକିତ୍ସାଧିକାରୀ (ଭାରପ୍ରାପ୍ତ) ଡଃ ତାପସ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗତ ଉତ୍କଳ ଦିବସରୁ ଏପ୍ରିଲ ୧୪ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଥିବା ବେଳେ ବୁଧବାର ସ୍ୱଇଚ୍ଛାରେ ରକ୍ତଦାନ କରିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦିଆଯାଇଥିଲା। ହୋଇପାରିଛି। ରକ୍ତଦାତା ପ୍ରସନ୍ନଜିତ୍ ସାହୁ, ବିଜୟ ଜେନା, ହାଡେଶ୍ୱର ବେହେରା, ମହେଶ୍ୱର ସାହୁ, ତ୍ରିଲୋଚନ ତ୍ରିପାଠୀ, ବୃନ୍ଦାବନ ଦେହୁରୀ, ପୁପୁନ କୁମାର ରାଉତ, ଚିନ୍ମୟ କୁମାର ସେଠୀ, ଅନିଲ କୁମାର ନାୟକ, ମଙ୍ଗଳ ସୋରେନ, ଜିତେନ୍ଦ୍ର ପୃଷ୍ଟି, ସୁଜିତ ପାତ୍ର, ନିରଞ୍ଜନ ନାୟକ, ଶୁଭମ କୁମାର ଜେନା, ପ୍ରଦୀପ କୁମାର ମାଝୀ, ସତ୍ୟବ୍ରତ ସାହୁ, ରାଜୁ ଜେନା, ସିପୁନ ଦାସ, ବିକାଶ ବଳ, ରମେଶ ହୋ ପ୍ରମୁଖ ସହଯୋଗ କରିଥିଲେ।

**ଚମ୍ପୁଆ:** ଚଳିତ ବର୍ଷ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଓଡ଼ିଆ ପକ୍ଷ ଅବସରରେ ଚମ୍ପୁଆ ପଞ୍ଚାୟତ ସମିତି ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ରକ୍ତକେନ୍ଦ୍ର ଦ୍ୱାରା ପରିଚାଳିତ ଶିବିରରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଏସଡିଏମଓ ବିଜୟ କେତନ ଦାସ, ବିଡିଓ ରଶ୍ମିରଂଜନ ସାହୁ, ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଓମପ୍ରକାଶ ବାରିକ, ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ବିଜେପି ଜିଲ୍ଲା ସଂପାଦିକା ଝରଣା ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ସମେତ ୨୨ଟି ପଞ୍ଚାୟତରୁ ୪୯ ଜଣ ରକ୍ତଦାତା ରକ୍ତଦାନ କରିଥିବା ବେଳେ ରକ୍ତକେନ୍ଦ୍ର ଡାକ୍ତର ଜ୍ୟୋତିପ୍ରକାଶ ମଲ୍ଲିକ ପରିଚାଳନା କରିଥିଲେ।







**ଆନନ୍ଦପୁର:** ସେବା ସପ୍ତାହ କାର୍ଯ୍ୟକ୍ରମରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ଓଡ଼ିଆ ପକ୍ଷ ୨୦୨୬ ରକ୍ତଦାନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଘସିପୁରା ବିଜେପି ଯୁବମୋର୍ଚ୍ଚାର ମିଳିତ ସହଯୋଗରେ ମୁଖ୍ୟଅତିଥି ଭାବେ ଶିଶୁ ବିଶେଷଜ୍ଞ ଡ଼ ଅମର ବେହେରା, ଡ଼ ଲକ୍ଷ୍ମୀଧର ନାୟକ, ଜିଲ୍ଲା ଯୁବମୋର୍ଚ୍ଚା ସୂଚନା ଆଇନ ସଂଯୋଜକ ଆଶିଷ ବେହେରା, ରକ୍ତଦାନ ସଂଯୋଜକ ଉମାକାନ୍ତ ବାରିକ, ମ୍ୟାନେଜର ଅବିନାଶ ଧଳ, ସୁଦର୍ଶନ ସାହୁ, ଶରତ ଓଝା, ବୁଲୁ ସୁବୁଦ୍ଧି, ପିଙ୍କୁ ଉଦ୍‌ଘାଟନୀ ସମାରୋହରେ ଯୋଗ ଦେଇଥିଲେ। ଦ୍ୱିପହର ସମୟ ସୁଦ୍ଧା ମୋଟ ୨୧ ୟୁନିଟ୍ ରକ୍ତ ସଂଗୃହୀତ

## ପୂଜା ଚାନ୍ଦା ନ ଦେବାରୁ ଉତ୍ତେଜନା

କେନ୍ଦୁଝର/ଶରତ, ୮।୪(ସମିସ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଶଗଡ଼ପଟା ଗ୍ରାମ ପଞ୍ଚାୟତର ବାଉଁଶବାହାଳି ମୁଦିନଚା(ସିଂଗବାହାଳୀ) ଅଞ୍ଚଳରେ ଆଦିବାସୀ ଗ୍ରାମର ପର୍ବପର୍ବାଣି ଓ ପୂଜା ଚାନ୍ଦା ଆଦାୟକୁ ନେଇ ଉତ୍ତେଜନା ଦେଖାଦେଇଛି।

ବାଉଁଶବାହାଳି ମୁଦିନଚା (ସିଂଗବାହାଳୀ) ଅଞ୍ଚଳରେ ୬୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରୁଥିବା ବେଳେ ୭ଟି ପରିବାର ଅନ୍ୟ ସଂପ୍ରଦାୟର। ତେବେ ଗ୍ରାମର ଆଦିବାସୀ ପୂଜା ଓ ପର୍ବପର୍ବାଣିରେ ଚାନ୍ଦା ଆଦାୟକୁ କେନ୍ଦ୍ର କରି ଅତୀତରେ ଦୁଇ ଗୋଷ୍ଠୀ ମଧ୍ୟରେ ଅନେକ ଥର ଗଣ୍ଡଗୋଳ ହୋଇଥିଲା। ପୂଜା ଚାନ୍ଦା ଦେଉ ନ ଥିବାରୁ ଅନ୍ୟ ଧର୍ମର ୭ଟି ପରିବାରକୁ ଗ୍ରାମବାସୀ ଗ୍ରାମରେ ସରକାରଙ୍କ ତରଫରୁ ଖୋଲା ଯାଇଥିବା ନଳକୂପରୁ ପାଣି ନେବା ପାଇଁ ମଧ୍ୟ ବାରଣ କରିଥିବା ଭଳି ଘଟଣା ସାମ୍ନାକୁ ଆସିଛି। ଗତ ଶୁକ୍ରବାର ଚର୍ଚ୍ଚରେ ଗୁଡ ଫ୍ରାଇଡେ ପାଳନ କରୁଥିବା ସମୟରେ ଅପରଗୋଷ୍ଠୀ ଚର୍ଚ୍ଚକୁ ତାଲା ପକାଇବା ସହିତ ସେମାନଙ୍କ ଘରେ ମଧ୍ୟ ତାଲା ପକାଇ ଦେଇଥିଲେ। ତାଲା ପକାଇବା ପରେ ମାଡ଼ ମାରିବା ପାଇଁ ଉଦ୍ୟତ ହେବା କାରଣରୁ ସେମାନେ ଭୟରେ ତାଙ୍କ ଗାଁ ଛାଡ଼ି ଘର ପାଖରୁ ୮ କିଲୋମିଟର ଦୂରରେ ଥିବା ଏକ ଗ୍ରାମରେ ଅତ୍ୟନ୍ତ ଦୟନୀୟ ଭାବେ ଆଶ୍ରୟ ନେଇଥିବା ସୂଚନା ମିଳିଛି। ଗ୍ରାମକୁ ଫେରିଲେ ଜୀବନରୁ ମାରି ଦେବାର ଧମକ ଦେଇଥିବା ସମ୍ପୃକ୍ତ ପରିବାର ଗୁଡ଼ିକ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି। ଘର ତାଲା ମରାଯିବା ଏବଂ ଜୀବନରୁ ମାରିଦେବା ଘଟଣାକୁ ନେଇ ସମ୍ପୃକ୍ତ ପରିବାର ଗୁଡ଼ିକ ୫ ତାରିଖ ଦିନ ହରିଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦ୍ୱାରସ୍ଥ ହେବା ସମୟରେ ହରିଚନ୍ଦନପୁର ଥାନାଧିକାରୀ ଗେଟ ବନ୍ଦ କରି ଦେବାରୁ ସେମାନେ ପ୍ରାୟ ୧ ଘଣ୍ଟା ଧରି ଥାନାକୁ ପଶି ପାରି ନ ଥିବା କହିଛନ୍ତି। କରଞ୍ଜିଆ ଅଞ୍ଚଳର ସମାଜସେବୀ ସତ୍ୟଜ୍ୟୋତି ସୟଙ୍କ ନେତୃତ୍ୱରେ ଆଜି ସମ୍ପୃକ୍ତ ଗୋଷ୍ଠୀର ପରିବାରଗୁଡ଼ିକ ସେମାନଙ୍କୁ ପୁଲିସ ସୁରକ୍ଷା ପ୍ରଦାନ କରାଯିବା ସହିତ ସେମାନଙ୍କ ଘରୁ ତାଲା ଖୋଲା କରାଇବା ପ୍ରଭୃତି ଦାବି ନେଇ କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଶଳକର ନୀତିନ ଡୁଗୁଡୁ ଏବଂ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କହିଛନ୍ତି ଯେ ଘଟଣା ସମ୍ପର୍କରେ ଜିଲ୍ଲା ପୁଲିସ ପ୍ରଶାସନ ଅବଗତ ଅଛନ୍ତି ଏବଂ ଗ୍ରାମରେ ଉଭୟ ପକ୍ଷଙ୍କୁ ଡାକି ୩ ଦିନ ମଧ୍ୟରେ ଶାନ୍ତି କମିଟି ଗଠନ କରାଯିବ ବୋଲି ସମ୍ପୃକ୍ତ ପରିବାରଙ୍କୁ ଆଶ୍ୱାସନା ଦେଇଥିବା କହିଛନ୍ତି। ସମାଜସେବୀ ଶ୍ରୀ ସୟ କହିଛନ୍ତି, କେନ୍ଦୁଝର ଜିଲ୍ଲା ପୁଲିସ ପ୍ରଶାସନ ସମ୍ପୃକ୍ତ ପରିବାରକୁ ସୁରକ୍ଷା ପ୍ରଦାନ କରିବା ଦିଗରେ ପଦକ୍ଷେପ ଗ୍ରହଣ ନ କରିଲେ, ସେମାନଙ୍କ ସୁରକ୍ଷା ନିମନ୍ତେ ସେ କଟକ ସ୍ଥିତ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହେବା ସହିତ ପୁଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଜିଲ୍ଲାପାଳ, ଏସ୍‌ପିଙ୍କୁ ଭେଟିଲେ ଗ୍ରାମବାସୀ



